# କର୍ମଚାରୀ ନିଯୁକ୍ତି ସମ୍ପର୍କରେ

**ଅଣତାରକା ପ୍ରଶ୍ନ : ୧୯୯୦** **ତା : ୨୪.୦୯.୨୦୨୪**

**ଶ୍ରୀ ଅମର କୁମାର ନାୟକ :** ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ରାଜ୍ୟ ଖାଉଟି ସମବାୟ ମହାସଂଘ ଲିମିଟେଡରେ 15 ମାର୍ଚ୍ଚ 2023 ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେଜଣ କର୍ମଚାରୀ ନିଯୁକ୍ତି ପାଇଛନ୍ତି ଏବଂ ଏହି ନିଯୁକ୍ତି ସବୁର ଅନୁମୋଦନକାରୀ କିଏ, (କ) ଓଡିଶା ରାଜ୍ୟ ଖାଉଟି ସମବାୟ ମହାସଂଘ ଲିମିଟେଡ୍, ଭୁବନେଶ୍ୱର କାର୍ଯ୍ୟାଳୟର ମରାମତି ନିମନ୍ତେ 15 ମାର୍ଚ୍ଚ 2023 ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁ ଅଧିକାରୀଙ୍କ ଅନୁମୋଦନ କ୍ରମେ ଖର୍ଚ୍ଚ ହୋଇଛି , ଓଡିଶା ରାଜ୍ୟ ଖାଉଟି ସମବାୟ ମହାସଂଘ ଲିମିଟେଡର ପରିଚାଳନା ପରିଷଦର ସଭାପତି ଓ ପରିଚାଳନା ନିର୍ଦ୍ଦେଶକ , ସେମାନଙ୍କର କେଉଁ ଗସ୍ତ ଖର୍ଚ୍ଚ ନିମନ୍ତେ କେତେ ଟଙ୍କା ଅଗ୍ରୀମ ଭାବେ ନେଇଛନ୍ତି ?

## ଉତ୍ତର

**ଶ୍ରୀ ପ୍ରଦୀପ ବଳ ସାମନ୍ତ**
**ସମବାୟ ମନ୍ତ୍ରୀ**

ଓଡିଶା ଖାଉଟି ସମବାୟ ମହାସଂଘ (OCCF) ଏକ ଶୀର୍ଷ ସମବାୟ ସଂସ୍ଥା ଅଟେ । ଏହାର ଅନୁମୋଦିତ ପଦବୀ ସଂଖ୍ୟା ହେଉଛି ୧୯୭ । ନିୟମିତ କର୍ମଚାରୀଙ୍କର ଅବସର ଯୋଗୁଁ ଏହି ସଂଖ୍ୟା ହ୍ରାସ ପାଇ ବର୍ତ୍ତମାନ ୧୨ ଜଣରେ ପହଞ୍ଚିଅଛି । ସେଥିମଧ୍ଯରୁ ୬ ଜଣ executive staff ହୋଇଥିବା ବେଳେ ଅନ୍ୟ ୬ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଟନ୍ତି । ମାତ୍ର ୬ ଜଣ କର୍ମଚାରୀଙ୍କୁ ନେଇ ମହାସଂଘର ୧୩ ଗୋଟି ଶାଖା କାର୍ଯ୍ୟାଳୟ ଓ ମୁଖ୍ୟ କାର୍ଯ୍ୟାଳୟରେ ଦୈନନ୍ଦିନ କାର୍ଯ୍ୟ ଠିକ ଭାବେ ସମ୍ପାଦନ କରିବା ସମ୍ଭବପର ହେଉନଥିଲା, ଯାହାଫଳରେ କି ସମସ୍ତ କାର୍ଯ୍ୟ ସଠିକ ଭାବରେ କରିବା ସମ୍ଭବ ହେଉନଥିଲା। ଏହିସବୁ ଅସୁବିଧାକୁ ହୃଦୟଙ୍ଗମ କରି ମହାସଂଘର ପ୍ରଶାସକ ଓ ପରିଚାଳନା ପରିଷଦ ବିଭିନ୍ନ ପର୍ଯ୍ୟାୟରେ ଯଥା ତା ୨୬.୦୬.୨୦୧୯, ତା. ୦୭.୦୮.୨୦୨୧, ତା. ୨୫.୧୦.୨୦୨୧ ଓ ୨୮.୧୧.୨୦୨୩ ରିଖରେ ତାଙ୍କର ନିଷ୍ପତ୍ତି କ୍ରମେ ସର୍ବମୋଟ ୨୪ ଜଣ ପିଲାଙ୍କୁ ମୁଖ୍ୟ କାର୍ଯ୍ୟାଳୟ ଓ ୧୩ ଗୋଟି ଶାଖା କାର୍ଯ୍ୟାଳୟରେ ଦିନ ମଜୁରିଆ ହିସାବରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିୟୋଜିତ କରିଛନ୍ତି ।

ମହାସଂଘ କାର୍ଯ୍ୟାଳୟର ମରାମତି ନିମନ୍ତେ 15 ମାର୍ଚ୍ଚ 2023 ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ

କୌଣସି  ଟଙ୍କା ଖର୍ଚ୍ଚ ହୋଇନାହିଁ ।

ମହାସଂଘର ସଭାପତି 15 ମାର୍ଚ୍ଚ 2023 ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ତାଙ୍କର ଗସ୍ତ ଖର୍ଚ୍ଚ ପାଇଁ ଅଗ୍ରୀମ ଆକାରରେ ମୋଟ ଟ.୬,୬୨,୦୦୦/- (ଛଅଲକ୍ଷ ବାଷଠି ହଜାର) ଟଙ୍କା ନେଇଥିଲେ । କିନ୍ତୁ ସମସ୍ତ ଅଗ୍ରୀମ ଟଙ୍କାକୁ ସଭାପତି ତା.୨୫.୦୯.୨୦୨୪ ରିଖରେ ମହାସଂଘର Bank Account ରେ ଡିପୋଜିଟ କରି ମହାସଂଘ ରୁ money receipt ନେଇଛନ୍ତି ଓ ଏହାପରେ ବର୍ତ୍ତମାନ ସୁଦ୍ଧା ସଭାପତି ତାଙ୍କ ଗସ୍ତ ଖର୍ଚ୍ଚ ପାଇଁ କୌଣସି ଅଗ୍ରୀମ ଟଙ୍କା ମହାସଂଘ ରୁ ନେଇନାହାଁନ୍ତି ।

ମହାସଂଘର କୌଣସି ପରିଚାଳନା ନିର୍ଦ୍ଦେଶକ 15 ମାର୍ଚ୍ଚ 2023 ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ଗସ୍ତ  ଖର୍ଚ୍ଚ ପାଇଁ ଟଙ୍କା ଅଗ୍ରୀମ ଆକାରରେ ମହାସଂଘରୁ ନେଇନାହାଁନ୍ତି ।

****